## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୩।୨୦୨୨

| | |
|---|---|
| ୫,୭୩,୨୧୨ ଟଙ୍କା | |
| ସୁନା | ୮୦ ମିଲିଗ୍ରାମ |
| ରୁପା | ୬୭.୮୬୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୧୪ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୦ଟା।
- ଟାଟା ଷ୍ଟିଲ ପକ୍ଷରୁ ଭୁବନେଶ୍ୱର ଲିଟେରାରୀ ମିଟ୍, ଭୁବନେଶ୍ୱର କ୍ଲବ, ୟୁନିଟ-୬, ଅପରାହ୍ନ ୪ଟା ୩୦।
- ରାଷ୍ଟ୍ରୀୟ ଅଭିଲେଖାଗାରର ୧୩୨ତମ ପ୍ରତିଷ୍ଠା ଦିବସ ପାଳନ, କନଫରେନ୍ସ ହଲ, ରାଷ୍ଟ୍ରୀୟ ଅଭିଲେଖାଗାର, ଇଷ୍ଟର୍ନ ରିଜିଓନାଲ ରେକର୍ଡ ସେଣ୍ଟର, ଏମ୍/୭୯, ମଧୁସୂଦନ ନଗର, ଅପରାହ୍ନ ୪ଟା ୩୦।
- ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରତ୍ୟାବର୍ତ୍ତନର ବିଜୟ ଉତ୍ସବ ପାଳନ, ମାଷ୍ଟରକ୍ୟାଣ୍ଟିନ, ଅପରାହ୍ନ ୫ଟା ୧୫।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- 'ପ୍ରେମରେ ରିକ୍ସ ହେଲା ମୋତେ ଇସ୍କ' ଚଳଚ୍ଚିତ୍ରର ଅଡିଓ ରିଲିଜ୍, ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୭ଟା।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମିଳିଛି ଏନ୍ଓସି

ପୁରୀ ଅଫିସ,୧୦।୩: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଏନ୍ଓସି(ନୋ ଅବଜେକ୍ସନ ସାର୍ଟିଫିକେଟ୍) ମିଳିଛି। ଜାତୀୟ ସ୍ମାରକୀ ପ୍ରାଧିକରଣର ଅନୁମୋଦନ ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ଜାତୀୟ ସ୍ମାରକୀ ପ୍ରାଧିକରଣର ନିର୍ଦ୍ଦେଶକ ଓଡ଼ିଶା ସର୍କଲର ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଜୁଲାଇ ୧୫ରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି ନଂ. ସିଏ/୨୫/୨୦୨୧୩୯୪୮ଓଏଲଏଲ ଆଣ୍ଡ ସି ଯୋଗେ ପ୍ରକଳ୍ପ କାର୍ଯ୍ୟକୁ ଏନ୍ଓସି ଦିଆଯାଇଛି। ଓଡ଼ିଶା ବିଭାଗର ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଫାଇଲ୍ ନମ୍ବର-୨/୫/୮୦/୨୦୨୧/ଏନଓସି/ଏନ୍ଏମ୍ଏ ଯୋଗେ ଶ୍ରୀମନ୍ଦିର ପ୍ରଶାସନକୁ ଏହି ସୂଚନା ପ୍ରଦାନ କରିଛନ୍ତି। ସେପ୍ଟେମ୍ବର ୧୩ରେ ଶ୍ରୀମନ୍ଦିର ପ୍ରଶାସନ ଚିଠି ଗ୍ରହଣ କରିଛି। ଚିଠିରେ ଉଲ୍ଲେଖ ରହିଛି, ଆମସାର୍ ଆକ୍ଟ(୧୯୫୮) ସେକ୍ସନ୍ ୨(ଡିସି) ଆଧାରରେ କ୍ଲକ୍ ରୁମ୍, ମିନି କ୍ଲକ୍ ରୁମ୍, ସେଲଟର୍ ପାଭିଲିୟନ୍, ମହିଳା, ପୁରୁଷ ଓ ସେବାୟତଙ୍କ ଉଦ୍ଦେଶ୍ୟରେ ଶୌଚାଳୟ, ଇଲେକଟ୍ରିକ୍ ରୁମ୍ ଓ ପାଭମେଣ୍ଟ ଅଞ୍ଚଳ ସହ ଶୌଚାଳୟ ଧାଡ଼ି ପାଇଁ ସ୍ଥାନରେ ନିର୍ମାଣ କାର୍ଯ୍ୟକୁ ନେଇ କୌଣସି ସମସ୍ୟା ନାହିଁ। ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଳୁ ଓ ସେବାୟତଙ୍କୁ ସୁବିଧା ଯୋଗାଇଦେବା ପାଇଁ ଏଭଳି ନିର୍ମାଣକୁ ନିଷିଦ୍ଧାଞ୍ଚଳରେ ଅନୁମତି ପ୍ରଦାନ କରାଯାଉଛି। ସେହିଭଳି ରିସେପଶନ୍ ସେଣ୍ଟର, ସୂଚନା ଓ ଦାନ କିଓସ୍କୋ, ଫାଷ୍ଟଏଡ୍ ସେଣ୍ଟର, ପୋଲିସ ସେବା କେନ୍ଦ୍ର ଓ ଏଟିଏମ୍ କିଓସ୍କୋର ନିର୍ମାଣକୁ ଏପର୍ଯ୍ୟନ୍ତ ଅନୁମତି ମିଳିନାହିଁ। ସମ୍ପୃକ୍ତ ନିର୍ମାଣ କାର୍ଯ୍ୟକୁ ଯଥାର୍ଥ ବୋଲି ଦର୍ଶାଇବା ପାଇଁ ଚିଠିରେ ଉଲ୍ଲେଖ ରହିଛି। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ମଧ ନିୟନ୍ତ୍ରିତ ଅଞ୍ଚଳ ମଧରେ ଯାଉଛି।

# ୧.୩୨ କୋଟି ଟଙ୍କାର ବ୍ରାଉନସୁଗାର ଜବତ

## ଜଟଣୀରେ ଡିଲ୍‌ବେଳେ ଏସ୍‌ଟିଏଫ୍ ଚଢ଼ାଉ

ଭୁବନେଶ୍ୱର (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ,୧୦।୩



ଗିରଫ ୩ ବ୍ରାଉନସୁଗାର ବେପାରୀ।

■ ୩ ଗିରଫ, ୧.୬୫ ଲକ୍ଷ ଟଙ୍କା ଜବତ

■ ଝରକା ବାଟେ ଖସିଗଲେ କୁଖ୍ୟାତ ବେପାରୀ ଇର୍ଫାନ

ରାଜଧାନୀ ଉପକଣ୍ଠ ଜଟଣୀ ଅଞ୍ଚଳ ଏବେ ବ୍ରାଉନସୁଗାର କାରବାରର ହବ୍ ପାଲଟିଛି। ବାଲେଶ୍ୱରର ଜଳେଶ୍ୱର ଓ ଅନ୍ୟ କେତେକ ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଏଠାକୁ ବ୍ରାଉନସୁଗାର ଅଣାଯାଇ ସହର ଓ ତଳି ଅଞ୍ଚଳକୁ ଚାଲାଣ ହେଉଛି। ତେବେ ଜଟଣୀରେ ଏକ ବଡ଼ଧରଣର ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୩ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ତେବେ କୁଖ୍ୟାତ ବ୍ରାଉନସୁଗାର ବେପାରୀ ସେକ୍ ଇର୍ଫାନ୍ ଖସି ପଳାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ହେଲେ ଜଟଣୀ ଥାନା ରାଜାବଜାରର ଏସ୍. କେ. ସମୀର, ସୟଦ ଇମ୍‌ତିୟାଜ ଓ ପୁରୀ ଡେଲାଙ୍ଗ ଥାନା ହରିରାଜପୁରର ରତିରଞ୍ଜନ ରାଉତରାୟ। ସେମାନଙ୍କଠାରୁ ୧ କେଜି ୩୨୦ଗ୍ରାମର ବ୍ରାଉନସୁଗାର, ନଗଦ ୧ଲକ୍ଷ ୬୫ ହଜାର ଟଙ୍କା ଓ ଏକ ବାଇକ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ ଏକ ମାମଲା (ନଂ.୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଏସ୍‌ଟିଏଫ୍ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୯ଟାରେ ଡେଲାଙ୍ଗର ରତିରଞ୍ଜନ ଏକ ବ୍ୟାଗ୍‌ରେ ଟଙ୍କା ଭର୍ତ୍ତି କରି ବ୍ରାଉନସୁଗାର ନେବାକୁ ରାଜାବଜାରସ୍ଥିତ ସେକ୍ ଇର୍ଫାନ୍‌ଙ୍କ ଘରେ ପହଞ୍ଚିଥିଲେ। ସେକ୍ ଇର୍ଫାନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବ୍ରାଉନସୁଗାର ମୂଲ୍ୟ ନେଇ ଡିଲ୍ ହେଉଥିଲା। ଏନେଇ ଖବର ମିଳିବା ପରେ ଏସ୍‌ଟିଏଫ୍‌ର ଏକ ଟିମ୍ ଇର୍ଫାନଙ୍କ ଘରେ ଚଢ଼ାଉ କରିଥିଲା। ହେଲେ ଇର୍‌ଫାନ୍ ଝରକା ଡେଇଁ ଖସି ପଳାଇଥିଲେ। ଅନ୍ୟମାନଙ୍କୁ ଧରି ପଚରାଉଚରା କରିବା ପରେ ତାଙ୍କ ନିଶା କାରବାର ର୍‌ୟାକେଟ ସମ୍ପର୍କରେ କ୍ରାଇମବ୍ରାଞ୍ଚ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡିଛି।

ପୂର୍ବରୁ ଖୋର୍ଦ୍ଧା ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ବହୁ କୋଟି ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ ଏକାଧିକ ବେପାରୀ, ଏଜେଣ୍ଟ ଓ ସହଯୋଗୀଙ୍କୁ ଗିରଫ କରିଛି। ଏବେ ଜଟଣୀ ଅଞ୍ଚଳରେ ନିଶା କାରବାର ସହ ଆପରାଧିକ କାର୍ଯ୍ୟକଳାପ ବଢୁଥିବା ନଜରକୁ ଆସିଛି। କ୍ରାଇମ୍‌ବ୍ରାଞ୍ଚ ପଦକ୍ଷେପ ନେବା ପରେ କମିଶନରେଟ ପୋଲିସ ଅଧୀନ ଜଟଣୀ ଥାନାର ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ, କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ପକ୍ଷରୁ ୨୦୨୦ରୁ ନିଶା କାରବାର ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଏଯାବତ୍ ୫୦ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର, ୯ କେଜି ଗଞ୍ଜେଇ ଓ ଭାଙ୍ଗ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୧୨୮ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି।




ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ପୁରୀରେ ଆୟୋଜିତ ରାଷ୍ଟ୍ରୀୟ ଯୁବ ଶିଖର ସମ୍ମିଳନୀର ଉଦ୍‌ଯାପନ ଦିବସରେ ଗୁରୁବାର ବାହାରିଥିବା ଶାନ୍ତି ପଦଯାତ୍ରା।

ଭୁବନେଶ୍ୱର ପୋଲିସ ଜିଲା : ପୂର୍ବ ମାସ ତୁଳନାରେ ପିଛେଇଛି ତଦନ୍ତ

## ଫେବୃୟାରୀରେ ୨୮ ଅପହରଣ ମାମଲା

ଭୁବନେଶ୍ୱର,୧୦।୩(ବ୍ୟୁରୋ)

କମିଶନରେଟ ପୋଲିସର ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ କିଡ୍‌ନାପିଙ୍ଗ୍ ଓ ମ୍ୟାନ୍ ମିସିଂ ସେଲ୍ କାମ କରୁଛି। ଏହି ସେଲ୍ ଅପହରଣ ମାମଲାରେ ଥାନାର ତଦନ୍ତକାରୀ ଅଫିସରଙ୍କୁ ସହଯୋଗ କରୁଛି। ତେବେ ପୂର୍ବ ମାସ ଅପେକ୍ଷା ଫେବୃୟାରୀରେ ତଦନ୍ତ ପିଛେଇଥିବା ଜଣାପଡ଼ିଛି। ଜାନୁୟାରୀରେ ବିଭିନ୍ନ ଥାନାରେ ୨୭ଟି ଅପହରଣ ମାମଲା ରୁଜୁ ହୋଇଥିବାବେଳେ ପୂର୍ବରୁ ରହିଥିବା ୪୫ଟି ମାମଲାର ତଦନ୍ତ ଶେଷ କରାଯାଇଥିଲା। ହେଲେ ଫେବୃୟାରୀରେ ୨୮ ଅପହରଣ ମାମଲା ରୁଜୁ କରାଯାଇଥିବା ବେଳେ ମାତ୍ର ୩୧ ମାମଲାର ତଦନ୍ତ ଶେଷ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ରିପୋର୍ଟ ଅନୁଯାୟୀ, ମଞ୍ଚେଶ୍ୱର ଥାନାରେ ସର୍ବାଧିକ ୪ ଅପହରଣ ମାମଲା ହୋଇଥିବାବେଳେ ଧଉଳି, ଖଣ୍ଡଗିରି ଓ ଶହୀଦନଗର ଥାନାରେ ୩ଟି ଲେଖାଏ ମାମଲା ଏବଂ ବାଲିଅନ୍ତା, ଚନ୍ଦକା, ଇନ୍‌ଫୋଭ୍ୟାଲି, ଲକ୍ଷ୍ମୀସାଗର, ଲିଙ୍ଗରାଜ, ନୟାପଲ୍ଲୀ ଓ ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏ ଅପହରଣ ମାମଲା ରୁଜୁ କରାଯାଇଛି। ସେହିପରି ନୟାପଲ୍ଲୀ ଥାନାରେ ସର୍ବାଧିକ ୭ଟି ମାମଲାର ତଦନ୍ତ ଶେଷ କରାଯାଇଥିବାବେଳେ ଶହୀଦନଗର ଓ ଖଣ୍ଡଗିରି ଥାନାରେ ୪ଟି ଲେଖାଏ ମାମଲାର ତଦନ୍ତ ସରିଛି। ଏଥିସହ ଅପହୃତ ଓ ନିଖୋଜ ଥିବା ୨୮ଜଣ ନାବାଳିକା ନାବାଳକଙ୍କ ମଧ୍ୟରୁ ୫ଜଣଙ୍କୁ ଉଦ୍ଧାର କରାଯାଇଛି। ଅପରପକ୍ଷେ ଗତ ମେ ମାସରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ କିଡ୍‌ନାପିଙ୍ଗ୍ ଓ ମ୍ୟାନ ମିସିଂ ସେଲ୍ ଓ ଥାନାର ତଦନ୍ତକାରୀ ଅଫିସରଙ୍କ ମିଳିତ ଉଦ୍ୟମରେ ୩୧୦ ମାମଲାରେ ନିଖୋଜ ଥିବା ୩୨୨ଜଣ ନାବାଳିକା ନାବାଳିକଙ୍କୁ ଉଦ୍ଧାର କରାଯାଇଥିବା ତଥ୍ୟ ରହିଛି।

# ନିଯୁକ୍ତି ଉପରେ ମାତ୍ରାଧିକ ନିର୍ଭରଶୀଳ ଠିକ୍ ନୁହେଁ

## ଜାତୀୟ ଯୁବ ସମ୍ମିଳନୀ ଉଦ୍‌ଯାପିତ

ପୁରୀ ଅଫିସ,୧୦।୩

ପୁରୀ ୟୁଥ୍ ହଷ୍ଟେଲରେ ଆୟୋଜିତ ତିନିଦିନିଆ ଜାତୀୟ ଯୁବ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜନ୍ମସ୍ଥାନରୁ ଆସିଥିବା ମାଟିକୁ ଯୁବତୀଯୁବକଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିତ୍ରକଳା ପ୍ରଦର୍ଶନ କରାଯାଇଥିଲା। ସମ୍ମିଳନୀରେ ଯୋଗ ଦେଇଥିବା ଅନେକ ଯୁବତୀଯୁବକ ଏହି ଚିତ୍ରଗୁଡ଼ିକୁ ଅଙ୍କନ କରିଥିଲେ। ଏହି ସମ୍ମିଳନୀରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଲିମିଟେଡ୍ (ଆଇଓସିଏଲ୍)ର ନିର୍ଦ୍ଦେଶକ ସୁଦୀପ୍ତ କୁମାର ରୟ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଗାନ୍ଧୀ ଗ୍ଲୋବାଲ୍ ଫାଉଣ୍ଡେଶନ୍‌ର ସମ୍ପାଦକ ହର୍‌ଦୟାଲ କୁଶଓ୍ୱା, ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ଜୟଶଙ୍କର ଜୋଶୀ, ୟୁଥ ହଷ୍ଟେଲ ମ୍ୟାନେଜର ରବି ନାରାୟଣ ଏବଂ ଜିଜିପି ଚେୟାରପର୍ସନ ମନୋଜ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଓସିଏଲ୍ ନିର୍ଦ୍ଦେଶକ ରୟ କହିଥିଲେ, ରାଜ୍ୟ ଓ ଦେଶରେ ନିଯୁକ୍ତି ଭରସାରେ ହଜାର ହଜାର ଯୁବତୀ ଯୁବକ ବସି ରହୁଛନ୍ତି। ସରକାରୀ କିମ୍ବା ବେସରକାରୀ ନିଯୁକ୍ତି ପାଇଁ ପ୍ରଚେଷ୍ଟା କରିବା ଭୁଲ୍ କଥା ନୁହେଁ। ତେବେ ମାତ୍ରାଧିକ ଭାବେ ନିଯୁକ୍ତି ଉପରେ ନିର୍ଭରଶୀଳ ହୋଇପଡ଼ିବା ଦେଶର ଭବିଷ୍ୟତ ପାଇଁ ଠିକ ନୁହେଁ। ଉଦ୍ୟୋଗର ବିକାଶ, ଉଦ୍ୟୋଗୀପତି ହେବାର ମାନସିକତା ଯୁବକଙ୍କ ଭିତରେ ରହିବା ଦରକାର। ସେହିପରି ପୁରୀ ବିଧାୟକ ଷଡ଼ଙ୍ଗୀ କହିଥିଲେ, ଯୁବଗୋଷ୍ଠୀଙ୍କ ପ୍ରୟାସରେ ସମାଜର ସନ୍ତୁଳନ ରକ୍ଷା ସମ୍ଭବପର ଓ ସେମାନେ ଅଧିକ ଦକ୍ଷତାର ଅଧିକାରୀ। ଅନ୍ୟପକ୍ଷରେ ଏହି ସମ୍ମିଳନୀରେ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନାଦର୍ଶ ଉପରେ ଯୁବଗୋଷ୍ଠୀ ଅଭିଭାଷଣ ରଖିଥିଲେ। ଏଥିସହ ସମ୍ମିଳନୀରୁ ମିଳିଥିବା ଶିକ୍ଷା କିଭଳି ଭାବେ ସମାଜର ସାମଗ୍ରିକ ବିକାଶ ଓ ସେବା ଦିଗରେ ଲାଗିପାରିବ ସେସମ୍ପର୍କରେ ମତ ରଖିଥିଲେ। ବିଭିନ୍ନ ନୂତନ ପରିକଳ୍ପନା ଓ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବିକାଶ ମିଶ୍ର କହିଥିଲେ, ସମାଜର ବିକାଶ ପାଇଁ ଯୁବକମାନେ ସବୁ ପ୍ରକାର କାର୍ଯ୍ୟପନ୍ଥାରେ ସମପରିମାଣରେ ଦକ୍ଷତା ପ୍ରଦର୍ଶନ କରିବା ଦରକାର। ଯୁବପିଢ଼ି ଏବେ ସାମାଜିକ ଗଣମାଧ୍ୟମ, ଅନଲାଇନ୍ ଗେମିଂର ଦାସ ହୋଇଗଲେଣି। ଘଣ୍ଟା ଘଣ୍ଟା ପରିଶ୍ରମ କରିବା ବଦଳରେ ଯୁବଗୋଷ୍ଠୀ ପବ୍‌ଜି ଓ ସାମାଜିକ ଗଣମାଧ୍ୟମରେ କଟାଉଛନ୍ତି। ଗୋଟିଏ ପଟେ ପ୍ରଯୁକ୍ତିବିଦ୍ୟା ଆମକୁ ବିକାଶଶୀଳ କରୁଥିବାବେଳେ ଅନ୍ୟପଟେ ଦକ୍ଷତା କମାଉଛି। ଏଣୁ ଏହାର ଉପଯୁକ୍ତ ଉପଯୋଗ ସମ୍ପର୍କରେ ଯୁବଗୋଷ୍ଠୀ ସଚେତନ ହେବା ଉଚିତ। ସେହିଭଳି ଉଦ୍ୟୋଗ ବିକାଶ, ବୃକ୍ଷରୋପଣ, ପରିବେଶ ସୁରକ୍ଷା, ନିଯୁକ୍ତି ପ୍ରଭୃତି ପ୍ରସଙ୍ଗ ଉପରେ ଅତିଥି ଏବଂ ଯୁବତୀଯୁବକମାନେ ମତ ରଖିଥିଲେ।

# 'ହୋଲିରେ ରାସାୟନିକ ରଙ୍ଗ ବିକ୍ରି ନିଷିଦ୍ଧ ହେଉ'

ପୁରୁଣା ଭୁବନେଶ୍ୱର, ୧୦।୩(ଡି.ଏନ୍.ଏ.)

ଆଉ ଦିନ କେଇଟା ପରେ ରଙ୍ଗର ପର୍ବ ହୋଲି। ଏନେଇ ଗାଁଠୁ ସହର ଉତ୍ସବମୁଖର। ରାସ୍ତାକଡ଼, ହାଟବଜାରରେ ରଙ୍ଗର ପସରା ଖୋଲିବାକୁ ଥିବା ବେଳେ ବିକ୍ରି ହେବ ରାସାୟନିକ ରଙ୍ଗ। ଏହି ରାସାୟନିକ ରଙ୍ଗ ମଣିଷ ଶରୀର ପାଇଁ ହାନିକାରକ ବୋଲି ଚିକିତ୍ସାବିଜ୍ଞାନୀ ଓ ବିଶେଷଜ୍ଞ କହିଛନ୍ତି।

ଏହାର ଭୟାବହତାକୁ ଦୃଷ୍ଟିରେ ରଖି ସରକାର ରାସାୟନିକ ରଙ୍ଗର ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରି ହର୍ବାଲ ରଙ୍ଗ ବ୍ୟବହାର ପାଇଁ ଏବେଠୁ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ପରିବେଶ ସୁଶାନ୍ତ ସାହୁ ଦାବି କରିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗତବର୍ଷ ଦୀପାବଳିରେ ସବୁଜ ବାଣ ବ୍ୟବହାର ପାଇଁ ସରକାର ଜନସାଧାରଣଙ୍କୁ ପରାମର୍ଶ ଦେବା ସହ ପ୍ରଦୂଷଣ ସୃଷ୍ଟିକାରୀ ବାଣର ବିକ୍ରିକୁ ନିଷିଦ୍ଧ କରିଥିଲେ, ଯାହା ଏକ ସୁନ୍ଦର, ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ପଦକ୍ଷେପ ବୋଲି ସାହୁ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦିବ୍ୟଜ୍ୟୋତି



@ ପବିତ୍ର



@ ସିଦ୍ଧାର୍ଥ



@ ଏକେନ୍



@ ଶୁଭଜିତ୍



@ ଶ୍ରୀତମ

# 'ଦୂର୍ ଆକାଶେଁ'ରେ ଆଗକୁ ବଢ଼ିବାର ରାସ୍ତା

## ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର, ୧୦।୩ (ବ୍ୟୁରୋ)

ଧନୀ ହୁଅନ୍ତୁ କି ଗରିବ ସବୁ ମଣିଷଙ୍କ ମଧରେ ଉତ୍ତମ ଜୀବନଯାପନ କରିବାର ଆକାଂକ୍ଷା ରହିଥାଏ। ନିଜ ସନ୍ତାନଙ୍କୁ ଉପଯୁକ୍ତ ପଥରେ ଆଗେଇ ନେବା ପାଇଁ ମା'ର ସ୍ନେହ ମମତା ସହ ବାପାଙ୍କ ନୀତି ଆଦର୍ଶ ସହାୟକ ହୁଏ। ତେବେ କେବେ କେବେ ଏଥିରେ ବ୍ୟତିକ୍ରମ ମଧ ଦେଖାଯାଏ। କିନ୍ତୁ ମାତାପିତାଙ୍କ ମାର୍ଗଦର୍ଶନରେ ଆଗକୁ ବଢୁଥିବା ସନ୍ତାନର ପଥ ଅନନ୍ତ ଓ ଅସୀମ, ଯାହା ଦୂର ଆକାଶ ଯାଏ ଲମ୍ବିଥାଏ। ଏଭଳି ଏକ କାହାଣୀକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ 'ଦୂର୍ ଆକାଶେଁ'। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଝାରସୁଗୁଡ଼ା ବେଲପାହାଡ଼ସ୍ଥିତ ନାଟ୍ୟସଂସ୍ଥା ମିରର୍ ଥିଏଟର କଳାକାରଙ୍କ ଚିତ୍ତାକର୍ଷକ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ନାଟକର ରଚନା ତଥା ନିର୍ଦ୍ଦେଶନା ସୁବାସ ଚନ୍ଦ୍ର ପ୍ରଧାନ ଦେଇଥିଲେ। ଅତିଥିଭାବେ ଓଡ଼ିଶା ନାଟ୍ୟ ସଂଘ ସଭାପତି ହରେନ୍ ସାହୁ ଓ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱରରେ ଗୁରୁବାର ଗ୍ରୀଷ୍ମର ପ୍ରଭାବ ଅଧିକ ରହିଥିବାରୁ ଓୟୁଏଟି ରାସ୍ତାରେ ଯାଉଥିବା ଯୁବତୀମାନେ ଛତା ବ୍ୟବହାର କରୁଛନ୍ତି।



ସିଡିଏ କଟକ ମାରୱାଡି ସମାଜ ଶାଖା ପକ୍ଷରୁ ଗୁରୁବାର ସିଡିଏ ସେକ୍ଟର-୬ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ବାହାରିଥିବା ନିଶାନ ଶୋଭାଯାତ୍ରା।



ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ରଙ୍ଗସଙ୍ଗମ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ଦୂର୍ ଆକାଶେଁ'ର ଏକ ଦୃଶ୍ୟ।

